# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**9 February – 2025**

# ଦିଲ୍ଲୀରେ ବିଜେପି ସରକାର

ଦିଲ୍ଲୀରେ ବିଜେପି ସରକାର ଗଠନ କରିବ । ୭୦ ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ୪୮ଟି ଅକ୍ତିଆର କରିଛି । ୨୨ଟି ଆସନ ଆମ୍ ଆଦ୍‌ମୀ ପାର୍ଟି ସପକ୍ଷରେ ଯାଇଥିବାବେଳେ କଂଗ୍ରେସ କୌଣସି ଆସନ ହାସଲ କରିପାରି ନାହିଁ । ଏହି ସଫଳତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି । ମତଦାତାଙ୍କ ବିଶ୍ୱାସକୁ ବିକାଶ ମାଧ୍ୟମରେ ପ୍ରତିପାଦନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ପ୍ରତିଶ୍ରୁତି ଦେଇଛନ୍ତି ।

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟାରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପର୍ଯ୍ୟାୟ ଉପରେ ପର୍ଯ୍ୟବେସିତ ହେବ। ପ୍ରଧାନମନ୍ତ୍ରୀଙ୍କ ସହ ଏହି ଆଲୋଚନା ଦୂରଦର୍ଶନ ସମେତ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ।

## ଖେଳକୁଦ ମହୋତ୍ସବ

କ୍ରୀଡ଼ା ସଶକ୍ତିକରଣ ଏବଂ ଜାତୀୟ ଏକତାର ଏକ ଶକ୍ତିଶାଳୀ ମାଧ୍ୟମ ହେଉଛି ଖେଳକୁଦ ମହୋତ୍ସବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ତୃତୀୟ ଜାତୀୟସ୍ତରୀୟ ଏକଲ ଖେଳକୁଦ ମହୋତ୍ସବକୁ ଗତ ସଂଧ୍ୟାରେ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ କହିଛନ୍ତି ଦେଶ ନିର୍ମାଣରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସମାରୋହରେ ଯୋଗ ଦେଇଥିଲେ । ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ୨୮ଟି ରାଜ୍ୟର ୧ହଜାର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରୁଛନ୍ତି ।

## ମୁଖ୍ୟମନ୍ତ୍ରୀ-ଜନଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ସୂଚାଇ ଦିଆଯିବ ।

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଦିନିକିଆ କେନ୍ଦୁଝର ଗସ୍ତରେ ଯିବେ । ଧରଣୀଧର ମେଡ଼ିକାଲ କଲେଜରେ ଅନୁଷ୍ଠିତ ହେବାକୁ ଥିବା ଇଣ୍ଡିଆନ୍ ମେଡ଼ିକାଲ ଆସୋସିଏନର ୭୪ତମ ବାର୍ଷିକ ରାଜ୍ୟସ୍ତରୀୟ

ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହାପରେ ମୁଖ୍ୟମନ୍ତ୍ରୀ କଟକ ପ୍ରତ୍ୟାବର୍ତ୍ତନ କରି ବାରବାଟୀ ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍‌ରେ ଉପସ୍ଥିତ ରହିବେ ।

## ନିଟ୍ ୟୁଜି ପରୀକ୍ଷା

ମେଡ଼ିକାଲ ପ୍ରବେଶିକା ପରୀକ୍ଷା ନିଟ୍ ୟୁଜି ଆସନ୍ତା ମେ’ ମାସ ୪ ତାରିଖରେ ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍‌ଟିଏ) ଦେଇଥିବା ସୂଚନା ଅନୁଯାୟୀ ଏହି ପରୀକ୍ଷା ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଆବେଦନ ପ୍ରକ୍ରିୟା ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ଏହା ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏପ୍ରିଲ ୨୬ ତାରିଖ ସୁଦ୍ଧା ପରୀକ୍ଷା କେନ୍ଦ୍ର ନାମ ଘୋଷଣା ହେବା ସହ ମେ’ ପହିଲାରେ ଆଡମିଟ କାର୍ଡ ଉପଲବ୍ଧ ହେବ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀ-ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଯାଜପୁର ଜିଲ୍ଲାରେ ୮୨୯କୋଟି ୭୬ଲକ୍ଷ ଟଙ୍କାର ୮୩ଟି ପ୍ରକଳ୍ପର ଉଦ୍‌ଘାଟନ ସହ ୧୭୦ କୋଟି ଟଙ୍କାର ୭୭ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିମଧ୍ୟରେ ମହାରାଜ ଯଜାତି କେଶରୀ ମେଡ଼ିକାଲ କଲେଜର ଶୁଭ ଉଦ୍‌ଘାଟନ, ବିରଜା ମନ୍ଦିରର ଉନ୍ନତିକରଣ, ନୂଆ ବସ୍ ଟର୍ମିନାଲ, ବ୍ୟାସନଗରଠାରେ ବ୍ୟାସ ସରୋବର ଓ ଟାଉନ୍‌ହଲ ଓ ବିରଜା ଅଗ୍ନେଶ୍ୱର

ହାଟର ଉନ୍ନତିକରଣ ଆଦି ଅନ୍ତର୍ଭୁକ୍ତ । ଯାଜପୁର ଜିଲ୍ଲାକୁ ଦିନିକିଆ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଯଜାତି ମହୋତ୍ସବରେ ଯୋଗ ଦେଇଥିଲେ ।

## ମୋ ବସ୍ ପରିଚାଳନା ବୈଠକ

'ମୋ ବସ୍'ର ପରିଚାଳନା ବ୍ୟବସ୍ଥାକୁ ନେଇ ଗତକାଲି ଭୁବନେଶ୍ୱରଠାରେ କ୍ରୁଟ୍ ଓ କମିଶନରେଟ୍ ପୁଲିସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଦୁର୍ଘଟଣା ରୋକିବା ପାଇଁ ବସ୍‌ର ସମ୍ମୁଖ ଏବଂ ପଛଭାଗରେ କ୍ୟାମେରା ଖଞ୍ଜାଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଚାଳକଙ୍କୁ ସତର୍କ କରିବା ପାଇଁ ଗାଡ଼ିରେ ଅତ୍ୟାଧୁନିକ ସହଯୋଗୀ ବ୍ୟବସ୍ଥା (ଏ.ଡି.ଏ.ଏସ୍) ଲଗାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

## ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆଜି ଭାରତ - ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜ୍‌ର ଦ୍ୱିତୀୟ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଖେଳାଯିବ । ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ମିଳିଥିବା ସୂଚନା ଅନୁଯାୟୀ ପୂର୍ବାହ୍ନ ୧୧ଟାରେ ଦର୍ଶକ ଗ୍ୟାଲେରୀକୁ ପ୍ରବେଶ କରିପାରିବେ । ଦର୍ଶକମାନେ କେବଳ ମୋବାଇଲ ଫୋନ୍, ଟିକଟ ଏବଂ ନିଜର ପରିଚୟପତ୍ର ସାଙ୍ଗରେ ନେଇପାରିବେ । ଏହି ସିରିଜ୍‌ରେ ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ୧-୦ରେ ଆଗୁଆ ରହିଛି । ଅଭ୍ୟାସ ପାଇଁ ଭାରତୀୟ ଦଳ ଗତ ସଂଧ୍ୟାରେ ବାରବାଟୀ ଷ୍ଟାଡିୟମକୁ ଆସିଥିଲେ ।

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତା

ଡେରାଡୁନଠାରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ଅନିମେଶ କୁଜୁରୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଆଥଲେଟିକ୍ ବର୍ଗର ୧୦୦ମିଟର ଦୌଡ଼ ପ୍ରତିଯୋଗିତାରେ ଶ୍ରୀ କୁଜୁରୁ ଏହି ସଫଳତା ପାଇବା ସହ ଦୂରତ୍ୱକୁ ୧୦ ଦଶମିକ ୨/୮ ସେକେଣ୍ଡରେ ସମାପ୍ତ କରି ରେକର୍ଡର ସମକକ୍ଷ ହୋଇପାରିଛନ୍ତି ।

# ପାଣିପାଗ

ରାଜ୍ୟରେ ଥଣ୍ଡା ସାମାନ୍ୟ ବୃଦ୍ଧି ପାଇଛି । ସର୍ବନିମ୍ନ ରାତି ତାପମାତ୍ରା ଗତକାଲି ରାଉରକେଲାଠାରେ ୯ ଦଶମିକ ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଆସନ୍ତାକାଲିଠାରୁ ରାତି ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦୁଇଦିନ ପର୍ଯ୍ୟନ୍ତ କୁହୁଡିର ପ୍ରଭାବ ପରିଲକ୍ଷିତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି ।